# ଉତ୍ତର ଓଡ଼ିଶା: ବାଜିମାରିଲେ ଛାତ୍ରୀ

## ବାଲେଶ୍ୱରରେ ୮୪% ଉତ୍ତୀର୍ଣ୍ଣ

**ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଫଳାଫଳ ସନ୍ତୋଷଜନକ ହୋଇ ଥିବା ସୂଚନା ମିଳିଛି। ଏହି ୪ ଜିଲାରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ବାଜିମାତ୍ କରିଥିବା ଜଣାପଡ଼ିଛି।**

ବାଲେଶ୍ୱର ଅଫିସ,୨୯।୭

ରାଜ୍ୟରେ ମାଟ୍ରିକ ଫଳାଫଳ ବୁଧବାର ପ୍ରକାଶ ପାଇବା ପରେ ବାଲେଶ୍ୱର ଜିଲାର ପାସ୍‌ହାର ୮୩.୭୧% ହୋଇଛି। ଜିଲାର ୧୫୨ ସେଣ୍ଟରରେ ୫୧୪ ବିଦ୍ୟାଳୟର ୩୦୨୯୦ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଫର୍ମ ଫିଲ୍‌ଅପ୍ କରିଥିବା ବେଳେ ୨୯,୭୪୫ ଜଣ ପରୀକ୍ଷା ଦେଇଥିଲେ। ୧୯ଜଣ ମାଲ ପ୍ରାକ୍ଟିସ୍ ହେବା ସହ ୨୯୭୨୬ ପରୀକ୍ଷାର୍ଥୀଙ୍କ ଫଳାଫଳ ଘୋଷଣା ହୋଇଛି। ସେଥିମଧ୍ୟରୁ ମୋଟ୍ ୨୪୯୭୭ ଜଣ (୧୨,୭୯୨ ଛାତ୍ରୀ ଓ ୧୨,୧୮୫ ଛାତ୍ର)ପାସ୍ କରିଛନ୍ତି। ୯୯ଜଣ ଏ(୧), ୬୬୯ ଜଣ ଏ(୨), ୧୪୭୬ ଜଣ (ବି ୧), ୨୩୯୮ ଜଣ (ବି ୨), ୩୪୯୭ ଜଣ (ସି), ୫୪୨୮ ଜଣ (ଡି), ୧୧୪୧୦ ଜଣ (ଇ)ରେ ପାସ୍ କରିଥିବା ଏବଂ ୪୭୪୯ ଫେଲ୍ ହୋଇଥିବା ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଜିଲାରେ ରେମୁଣା ବ୍ଲକ ଅନ୍ତର୍ଗତ ରେମୁଣା ହାଇସ୍କୁଲର ଛାତ୍ର ଜିତେନ ମହାଳିକ ୫୮୩ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଔପଦା ବ୍ଲକ ଅନ୍ତର୍ଗତ ଔପଦା ନୋଡ଼ାଲ ହାଇସ୍କୁଲର ଛାତ୍ରୀ ଅର୍ପିତା ନାୟକ (୫୭୮) ଦ୍ୱିତୀୟ, ଖଇରା ବ୍ଲକ ଅନ୍ତର୍ଗତ ଗରସଙ୍ଗ ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠର ଛାତ୍ର କ୍ଷୀରୋଦ କୁମାର ମନ୍ତ୍ରୀ (୫୭୪) ତୃତୀୟ, ସିମୁଳିଆ ବ୍ଲକ ଅନ୍ତର୍ଗତ ମହମ୍ମଦପୁର ହାଇସ୍କୁଲର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି (୫୬୮) ଚତୁର୍ଥ ଏବଂ ରେମୁଣା ବ୍ଲକ ଅନ୍ତର୍ଗତ ରେମୁଣା ଏସ୍.ଏସ୍.ଭି.ଏମ୍ ବିଦ୍ୟାଳୟର ଭରଦ୍ୱାଜ ହାତି (୫୬୭) ନମ୍ବର ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବସ୍ତା ବ୍ଲକ ଅନ୍ତର୍ଗତ ଏସ୍.ଏନ୍. ହାଇସ୍କୁଲର ଛାତ୍ର ସୁମନ ପ୍ରସାଦ ବେହେରା ୫୪୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ହାଇସ୍କୁଲର ଛାତ୍ରୀ ପାୟଲ ପ୍ରଧାନ ୫୫୪, ସୋର ବ୍ଲକ ଅନ୍ତର୍ଗତ ଏସ୍.ଏନ୍. ହାଇସ୍କୁଲର ଛାତ୍ର ଶ୍ରଦ୍ଧାଞ୍ଜୟ ତ୍ରିପାଠୀ ୫୫୪, ନୀଳଗିରି ବ୍ଲକ ଅନ୍ତର୍ଗତ ବାଲିଗୋହିରୀ ରତ୍ନାକର ଟାଉନ୍ ହାଇସ୍କୁଲର ଛାତ୍ରୀ ତୃପ୍ତି ଗିରି ୫୪୯, ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଜଳେଶ୍ୱର ହାଇସ୍କୁଲର ଛାତ୍ର ଶୁଭ୍ରଜିତ ମୁଖି ୫୫୩, ସଦର ବ୍ଲକ ଅନ୍ତର୍ଗତ ବାଲେଶ୍ୱର ଜିଲା ସ୍କୁଲର ଛାତ୍ରୀ ଋତୁପର୍ଣ୍ଣା ସାହୁ ୫୫୭, ବାହାନଗା ବ୍ଲକ ଅନ୍ତର୍ଗତ ମଣିଭଦ୍ର ନୋଡ଼ାଲ ହାଇସ୍କୁଲର ଛାତ୍ର ଆର୍ଯ୍ୟମାନ ପାତ୍ର ୫୫୯, ଭୋଗରାଇ ବ୍ଲକ ଅନ୍ତର୍ଗତ ତାରାପୁର ନୋଡାଲ ହାଇସ୍କୁଲର ଛାତ୍ରୀ ଇତିଶ୍ରୀ ଗିରି ୫୬୦ ନମ୍ବର ରଖି ବ୍ଲକ ଟପ୍ପର୍ ହୋଇଛନ୍ତି।

### ପାଟଣା ବ୍ଲକରେ ରଶ୍ମିତା ଟପ୍ପର

ପାଟଣା,୨୯।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣାବ୍ଲକ ର ବେସରକାରୀ ବିଦ୍ୟାଳୟ ର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଥିବା ବେଳେ ସରକାରୀ ବିଦ୍ୟାଳୟର ପରୀକ୍ଷା ଫଳ ନୈରାଶ୍ୟ ଜନକ ହୋଇଛି। ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ରୀ ରଶ୍ମିତା ମହାନ୍ତ ୫୪୨ ନମ୍ବର ରଖି ଏ-୧ ସ୍ଥାନରେ ରହିଛନ୍ତି। ସେ ସାହାପଡା ବ୍ଲକ ଖଡିକାପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମହାନ୍ତଙ୍କ ଝିଅ। ରଶ୍ମିତା ପାଟଣା ବ୍ଲକରେ ଟପ୍ପର ହୋଇଛନ୍ତି।

### ବାଲେଶ୍ୱର ଜିଲାର କୃତୀ ଛାତ୍ରୀଛାତ୍ର ଯାହା କୁହନ୍ତି ...

#### ବ୍ୟାଙ୍କ ଅଧିକାରୀ ହେବି



ଅର୍ପିତା ନାୟକ

ଔପଦା, ୨୯।୭(ଡି.ଏନ.ଏ.)

ଔପଦା ବ୍ଲକ ଅନ୍ତର୍ଗତ ଔପଦା ନୋଡ଼ାଲ ହାଇସ୍କୁଲର ଛାତ୍ରୀ ଅର୍ପିତା ନାୟକ ୫୭୮ (୯୬.୩୩%) ମାର୍କ ରଖି ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପଲ୍ଲିଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାୟକ ଓ ଗୃହିଣୀ ଅନ୍ନପୂର୍ଣ୍ଣା ସାହୁଙ୍କ କନ୍ୟା ଅଟନ୍ତି। ଦିନକୁ ୧୦ରୁ ୧୧ ଘଣ୍ଟା ପରିଶ୍ରମ କରୁଥିଲେ। ସଫଳତାର ଶ୍ରେୟ ମା'ବାପା ଏବଂ ବିଦ୍ୟାଳୟ ଓ ଗାଇଡ୍ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରି ଭବିଷ୍ୟତରେ ଜଣେ ବ୍ୟାଙ୍କ ଅଧିକାରୀ ହେବାର ଲକ୍ଷ୍ୟ ରଖିଛନ୍ତି।

#### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି

ଖଇରା,୨୯।୭(ଡି.ଏନ.ଏ.)

ଖଇରା ବ୍ଲକ ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠର ଛାତ୍ର କ୍ଷିରୋଦ କୁମାର ମନ୍ତ୍ରୀ ୫୭୪ (୯୫.୬୬%) ମାର୍କ ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାପା ଚନ୍ଦ୍ରଶେଖର ମନ୍ତ୍ରୀ ଗରସଙ୍ଗ ଜମ୍ମେଶ୍ୱର ମହାବିଦ୍ୟାଳୟ ଜୁନିୟର କଲେଜରେ ଇଂରାଜୀ ଅଧ୍ୟାପକ ଥିବାବେଳେ ମା' ତନୁଜା ମନ୍ତ୍ରୀ ଜଣେ ଗୃହିଣୀ ଅଟନ୍ତି। ଜଣେ ସଫଳ ଡାକ୍ତର ହୋଇ ରୋଗୀ ସେବା କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଏଥିପାଇଁ ସେ ଦିନକୁ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ପଢିବା ବ୍ୟତୀତ ଗଳ୍ପ ଲେଖିବା ଓ ବକ୍ତୃତା ପ୍ରତିଯୋଗୀତାରେ ଭାଗ ନେବା ତାଙ୍କର ଅନ୍ୟତମ ସଉକ।



କ୍ଷିରୋଦ କୁମାର ମନ୍ତ୍ରୀ

#### ପ୍ରଶାସନିକ ଅଧିକାରୀ ହୋଇ ଲୋକଙ୍କ ସେବା କରିବି



ପ୍ରିୟଙ୍କା ପ୍ରିୟଦର୍ଶନୀ ପତି

ସିମୁଳିଆ, ୨୯।୭(ଡି.ଏନ.ଏ.)

ସିମୁଳିଆ ବ୍ଲକ ଅଧୀନ ମହମ୍ମଦପୁର ହାଇସ୍କୁଲର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ୫୬୮ନମ୍ବର(୯୪.୬୬%) ରଖି ସିମୁଳିଆ ବ୍ଲକରେ ଟପ୍ପର ହୋଇଛନ୍ତି। ପ୍ରିୟଙ୍କାଙ୍କ ମା' ଜୟନ୍ତୀ ଜଣେ ଶିକ୍ଷୟିତ୍ରୀ ହୋଇଥିବା ବେଳେ ବାପା ଗୋଲକ ବିହାରୀ ଜଣେ ଠିକାଦାର ଅଟନ୍ତି। ଆଇଆଇଟି ପରେ ସର୍ବଭାରତୀୟ ସ୍ତରରେ ଜଣେ ପ୍ରଶାସନିକ ଅଧିକାରୀ ହେବା ପାଇଁ ପ୍ରିୟଙ୍କା ଲକ୍ଷ୍ୟ ରଖିଛନ୍ତି। ଦୈନନ୍ଦିନ ସେ ୧୨ଘଣ୍ଟା ପାଠ ପଢ଼ନ୍ତି। ନିଜର ସଫଳତା ପାଇଁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ମା'ବାପା ଓ ପରିବାରର ଅନ୍ୟ ଗୁରୁଜନ ମାନଙ୍କୁ ଶ୍ରେୟ ଦେଇଛନ୍ତି ।

## ମୟୂରଭଞ୍ଜରେ ପାସ୍ ହାର ବଢ଼ିଛି

ବାରିପଦା ଅଫିସ,୨୯।୭

- ୮୩ ପ୍ରତିଶତ ପାସ୍
- ଏ-୧ ଗ୍ରେଡ୍‌ରେ ୬୩ ଛାତ୍ରୀଛାତ୍ର

ମୟୂରଭଞ୍ଜ ଜିଲାରେ ମାଟ୍ରିକ ପାସ୍ ହାର ୮୩.୭୮ ପ୍ରତିଶତ ହୋଇଛି। ଗତ ବର୍ଷ ୬୮.୭୯ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ଚଳିତ ବର୍ଷ ପାସ୍ ହାର୍ ବଢ଼ିଛି। ସେହିଭଳି ଗତବର୍ଷ ୫୬ ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ ୬୩ ହୋଇଛି। ଏ-୨ ଗ୍ରେଡ୍‌ରେ ୩୬୯ ଜଣ, ବି-୧ ଗ୍ରେଡ୍‌ରେ ୯୨୮, ବି-୨ ଗ୍ରେଡ୍‌ରେ ୧୭୩୩, ସି ଗ୍ରେଡ୍‌ରେ ୨୯୧୧, ଡି ଗ୍ରେଡ୍‌ରେ ୬୧୯୮ ଏବଂ ଇ ଗ୍ରେଡ୍‌ରେ ୧୪୪୧୪ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଜିଲାର ୬୦୮ଟି ହାଇସ୍କୁଲର ୩୧୭୬୮ ଜଣ ପରୀକ୍ଷାର୍ଥୀ ୧୭୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧୬୯୭ ଜଣ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ୨୬୬୧୬ ପରୀକ୍ଷାର୍ଥୀ ବିଭିନ୍ନ ଗ୍ରେଡ୍ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ୫୦୮୧ ଅକୃତକାର୍ଯ୍ୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଙ୍କ ସଂଖ୍ୟା ୧୪୬୮୩ ଥିବା ବେଳେ ଛାତ୍ରଙ୍କ ସଂଖ୍ୟା ୧୧୯୩୩ ରହିଛି। ବାରିପଦା ତୁଳସୀଚଉରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅଭିଜିତ ମହାପାତ୍ର ୫୬୬ ନମ୍ବର ରଖିଥିବା ବେଳେ ଆଗାମୀ ଦିନରେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ବାପା ଦେବରାଜ ମହାପାତ୍ର ବ୍ୟବସାୟୀ ହୋଇଥିବା ବେଳେ ମା' ପୁଷ୍ପିତା ମହାପାତ୍ର ଗୃହିଣୀ ଅଟନ୍ତି। ସେ ସଫଳତାର ଶ୍ରେୟ ଜେଜେବାପା, ଜେଜେମା, ବାପା. ମା , ଗୁରୁଜୀ, ଗୁରୁମା, ଟିଉସନ୍ ସାର୍‌ଙ୍କୁ ଦେଇଛନ୍ତି। ସେହିପରି ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲର ଛାତ୍ର ନିର୍ମଳ ଭୋଇ ୫୪୦ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ଆଗାମୀ ଦିନରେ ଡାକ୍ତର ହେବା ପାଇଁ ଇଚ୍ଛା ରଖିଛନ୍ତି। ଏହି ସଫଳତାର ଶ୍ରେୟ ସେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ବାପା ମା'ଙ୍କୁ ଦେଇଛନ୍ତି।



ଅଭିଜିତ ମହାପାତ୍ର।

## ଭଦ୍ରକରେ ପାସ୍ ହାର ୭୫.୭୬ ପ୍ରତିଶତ

ଭଦ୍ରକ ଅଫିସ, ୨୯।୭

ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଭଦ୍ରକ ଜିଲାରେ ମୋଟ ୭୫.୭୬ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ବାଜିମାତ୍ କରିଛନ୍ତି । ୮, ୯୫୦ ଛାତ୍ରୀ ପାସ୍ ହୋଇଥିବା ବେଳେ ୭, ୭୩୫ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଜିଲାରେ ମୋଟ ୨୨, ୦୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୬, ୬୮୪ ପାସ୍ କରିଛନ୍ତି। ଗ୍ରେଡ୍ ଏ-୧ରେ ୭୨ ଜଣ, ଏ-୨ରେ ୪୫୬, ବି-୧ରେ ୭୯, ବି-୨ରେ ୧୨୯୫, ସିଗ୍ରେଡ୍‌ରେ-୧୯୯୮, ଡିରେ-୩୭୫୪ ଏବଂ ଇ ଗ୍ରେଡ୍‌ରେ ୮୪୧୩ପାସ୍ କରିଛନ୍ତି। ୫୩୨୯ ଜଣ ଫେଲ୍ ହୋଇଥିବା ସୂଚନା ମିଳିଛି। ବାସୁଦେବପୁର ବ୍ଲକର ପଦୁଆଁକୁମାର ହାଇସ୍କୁଲର ଛାତ୍ର ବିପ୍ଳବଜିତ୍ ମିଶ୍ର ୫୭୧ ମାର୍କ ରଖି ଜିଲାରେ ଟପ୍ପର ହୋଇଛନ୍ତି। ୫୬୮ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ନୂଆବଜାରସ୍ଥିତ ମଞ୍ଜୁଳା ମଞ୍ଜରୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୌମ୍ୟଶ୍ରୀ ଆଶୁତୋଷ ନାୟକ।

### ଇଞ୍ଜିନିୟର ହେବି

ଭଦ୍ରକ ଅଫିସ୍

ନୂଆବଜାର ସ୍ଥିତ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ସେହି ସ୍କୁଲର ଜ୍ୟୋତିରାଜ ବିଶ୍ୱାଳ ୫୬୦ (୯୩.୩ ପ୍ରତିଶତ) ରଖି ଜିଲାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେ ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱରର ବାପା ଉମାକାନ୍ତ ଓ ମା ପଦ୍ମିନୀ ବିଶ୍ୱାଳଙ୍କ ପୁଅ। ତାଙ୍କ ବାପା ଭଦ୍ରକ ସହର ପୋଷ୍ଟ ଅଫିସ ଛକରେ ରବର ଷ୍ଟାମ୍ପ ଦୋକାନ କରି ଜୀବିକା ନିର୍ବାହ କରନ୍ତି। ଭବିଷ୍ୟତରେ ସେ ଜଣେ ଇଞ୍ଜିନିୟର ହେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ବାପା ମା'ଙ୍କ ପ୍ରୋତ୍ସାହନ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପାଠପଢ଼ା ଶୈଳୀ ତାଙ୍କୁ ଏ ସଫଳତା ଆଣି ଦେଇଛି ବୋଲି କୁହନ୍ତି।



ଜ୍ୟୋତିରାଜ ବିଶ୍ୱାଳ।

### ୯ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ବନ୍ତ,୨୯।୭(ଡି.ଏନ୍.ଏ./ସ୍ୱ.ପ୍ର.)

ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଭଦ୍ରକ ଜିଲା ବନ୍ତ ବ୍ଲକରେ ୯ ଜଣ ଛାତ୍ରୀଛାତ୍ର ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି । ସେଥିମଧ୍ୟରୁ ତେଲନଟି ବାଲିପୋଖରୀ ହାଇସ୍କୁଲର କଳ୍ପନା କୁଣ୍ଡୁ ୫୬୨, ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ଜ୍ୟୋତିପ୍ରଜ୍ଞା ସାହୁ ୫୬୧, ମେନକାରାଣୀ ହାଇସ୍କୁଲର ମନ୍ଦୀପ ପଣ୍ଡା ୫୪୯, କାଦବରାଙ୍ଗ ହାଇସ୍କୁଲର ଦିବ୍ୟରଞ୍ଜନ ବେହେରା ୫୪୮, ତେଲନଟି ବାଲିପୋଖରୀ ହାଇସ୍କୁଲର କୁମାର ଶ୍ରୀ ଗୌରବ କର ୫୪୬, ଷେଣ୍ଢତୋରା ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠର ପ୍ରିୟଙ୍କା ବେହେରା ୫୪୦, ଆଡିଆ ଆରଡେଶ୍ୱର ହାଇସ୍କୁଲର ଅଭିଲିପ୍ସା ରାଉତ ୫୪୦, ଅଢାଳପଙ୍କ କୃପାସିନ୍ଧୁ ହାଇସ୍କୁଲର ସତ୍ୟବ୍ରତ ପଣ୍ଡା ୫୪୦, ମେନକାରାଣୀ ହାଇସ୍କୁଲର କିଶୋର ନାୟକ ୫୪୦ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଛନ୍ତି।

## କେନ୍ଦୁଝରରେ ୭୬.୬୨% ଛାତ୍ରୀଛାତ୍ର ପାସ୍

କେନ୍ଦୁଝର, ୨୯।୭(ଡି.ଏନ୍.ଏ./ସ୍ୱ.ପ୍ର.)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ବୁଧବାର ଦିନ ପ୍ରକାଶ ପାଇଥିବାବେଳେ କେନ୍ଦୁଝର ଜିଲାର ସଫଳତା ହାର ୭୬.୬୨ ପ୍ରତିଶତ ହୋଇଛି। ରାଜ୍ୟର ୭୨.୩୫ପ୍ରତିଶତ ପାସ ହାର ଥିବାବେଳେ କେନ୍ଦୁଝର ଜିଲାରେ ୭୧.୪୬ ପ୍ରତିଶତ ପାସ ହାର ରହିଛି। ଚଳିତବର୍ଷ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। କେନ୍ଦୁଝର ଜିଲାର ମୋଟ ୧୨୪ଟି ପରୀକ୍ଷା କେନ୍ଦ୍ର ପାଇଁ ୪୭୬ଟି ବିଦ୍ୟାଳୟର ୨୨୨୯୬ଜଣ ରେଗୁଲାର ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଓ ୬୭୭ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ୨୧୬୧୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬ଜଣ କପି କରି ଧରା ପଡିଥିଲେ ଏବଂ ୨୨,୫୭୩ଜଣଙ୍କର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ସେଥିମଧ୍ୟରୁ ଏ-୧ ଗ୍ରେଡରେ ୨୭ଜଣ,ଏ-୨ରେ ୨୧୭ଜଣ, ବି-୧ରେ ୫୪୫ଜଣ, ବି-୨ରେ ୧୦୪୩ଜଣ, ସି ଗ୍ରେଡରେ ୧୭୦୫ଜଣ, ଡିଗ୍ରେଡରେ ୩୪୮୮ଜଣ, ଇ-ଗ୍ରେଡରେ ୯,୫୩୯ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୦୦୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ସମୁଦାୟ ୧୬,୫୬୪ଜଣ ରେଗୁଲାର ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୭,୪୪୯ଜଣ ବାଳକ ଓ ୯,୧୧୫ଜଣ ବାଳିକା ଥିବା ଜଣାପଡିଛି। ସେହିପରି ଏକ୍ସରେଗୁଲାର ପରୀକ୍ଷାର୍ଥୀ ଭାବେ ୩୦୭ଟି ବିଦ୍ୟାଳୟରୁ ୧୨୫୪ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୪୪ଜଣ ଅନୁପସ୍ଥିତ ରହି ୧୨୧୦ଜଣ ପରୀକ୍ଷାର୍ଥୀ ୧୧୧ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ ଓ ୩ଜଣ ପରୀକ୍ଷା ସମୟରେ କପି କରି ଧରା ପଡିଥିଲେ। ମୋଟ ୧୨୦୭ଜଣ ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଜିଲାରେ ବାର୍ଷିକ ହାଇସ୍କୁଲ ଫଳାଫଳ ସନ୍ତୋଷଜନକ ରହିଛି ବୋଲି ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି।

## ସମସ୍ତ ଛାତ୍ରୀଛାତ୍ର ହେଲେ କୃତକାର୍ଯ୍ୟ

କେନ୍ଦୁଝର,୨୯।୭(ଡି.ଏନ୍.ଏ.)

ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ -୨୦୨୦ ପ୍ରକାଶ ପାଇବା ଅବସରରେ ସ୍ଥାନୀୟ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମୋଟ ୧୬୦ ଜଣ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇ ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କୁ ମଧ୍ୟରୁ ଆଦ୍ୟ ଓଁକାର ପଣ୍ଡା-୫୪୬ ନମ୍ବର, ପ୍ରିୟଙ୍କା ଗିରି-୫୪୬ ନମ୍ବର, ପୂରବୀ ପାଣିଗ୍ରାହୀ-୫୪୨ ନମ୍ବର, ଅଭିପ୍ସା ତ୍ରିପାଠୀ-୫୪୦ ନମ୍ବର, ପ୍ରତିକରାଜ ମହାକୁଡ- ୫୪୦ ନମ୍ବର ରଖି ଏ-୧ ଗ୍ରେଡରେ ପାସ କରି ବିଦ୍ୟାଳୟର ଗୌରବ ବଜାୟ ରଖିଛନ୍ତି।

## ଗୋରୁ ଗାଡ଼ି ଜବତ, ୨ ଗିରଫ

**ପଦ୍ମପୁର,୨୯।୭(ଡି.ଏନ୍.ଏ.):** ବାସୁଦେବପୁର ବ୍ଲକ ଅଧୀନ କଂସାରିପୁରଠାରୁ ନାୟକାଣିଡିହୀ ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଗାଡ଼ିରେ ଥିବା ୬ଟି ଗୋରୁକୁ ଉଦ୍ଧାର ପରେ ଗ୍ରାମବାସୀଙ୍କ ଜିମା ଦିଆଯାଇଛି। ଏହି ଘଟଣାରେ ଗୋରୁ ବେପାରୀ ମିର ସୱାର, ଚାଳକ ସେକ ନୁରୁଲାକୁ ପୋଲିସ ଗିରଫ କରିଛି । ଏନେଇ ଥାନାରେ ଏକ ମାମଲା (ନଂ. ୮୪/୨୦) ରୁଜୁ ହୋଇଛି।

## କଂଗ୍ରେସ ପରେ ଭାଜପାର ଟ୍ରକ୍ ଚଳାଚଳକୁ ବିରୋଧ

କେନ୍ଦୁଝର ୨୯।୭ (ସ୍ୱ.ପ୍ର.)

କରୋନା ସଂକ୍ରମଣ ସମୟରେ ଏବଂ ବିପର୍ଯ୍ୟସ୍ତ ହୋଇ ପଡିଥିବା ରାସ୍ତାରେ ଲୁହାପଥର ବୋଝେଇ ଟ୍ରକ ଚଳାଚଳକୁ କେନ୍ଦୁଝର ଜିଲା ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଏନେଇ କଂଗ୍ରେସ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। କେନ୍ଦୁଝର ଲୋକଙ୍କ ସୁରକ୍ଷା ଦୃଷ୍ଟି କୋଣରୁ ବିଭିନ୍ନ ଦଳ, ସଂଗଠନ ପକ୍ଷରୁ ବିରୋଧ ଭାବ ବୃଦ୍ଧି ପାଇବାରେ ଲାଗିଥିବାରୁ ଏହାକୁ ନେଇ ପ୍ରଶାସନ ଚିନ୍ତାରେ ରହିଛି । ବିଶେଷ କରି ନରଣପୁର-ଡୁବୁରୀ ରାସ୍ତାରେ ଲୁହାପଥର ପରିବହନ ପାଇଁ ଅନୁମତିକୁ ନେଇ ବିରୋଧ ବୃଦ୍ଧି ପାଇଛି। ଏଣୁ ଏନେଇ ତୁରନ୍ତ ପ୍ରତିକର ବ୍ୟବସ୍ଥା କରିବା ଏବଂ ଲୋକଙ୍କ ହିତପାଇଁ ଲୁହାପଥର ପରିବହନକୁ ସ୍ଥଗିତ ରଖାନଗଲେ ପୁଞ୍ଜିଭୂତ ଜନ ଅସନ୍ତୋଷ ବୃହତ୍ତ ଜନଆନ୍ଦୋଳନର ରୂପ ନେବା ଆଶଙ୍କା ରହୁଛି ।

## ଚମ୍ପୁଆରେ ଖୋଲିବ କୋଭିଡ୍ କେୟାର ସେଣ୍ଟର

ଚମ୍ପୁଆ,୨୯।୭(ଡି.ଏନ.ଏ)



ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରୁଛନ୍ତି।

କରୋନା ପଜିଟିଭ୍‌ମାନଙ୍କୁ ଚିହ୍ନଟ ସହିତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅନୁସାରେ ଚମ୍ପୁଆଠାରେ କୋଭିଡ୍ କେୟାର ସେଣ୍ଟର ଖୋଲିବ। ୨୦୦ ଶଯ୍ୟା ବିଶିଷ୍ଟ ଏହି କୋଭିଡ୍ କେୟାର ସେଣ୍ଟର ଖୋଲିବା ନେଇ କେନ୍ଦୁଝର ଜିଲାପାଳ ଆଶୀଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟ ଏହି ସେଣ୍ଟରର ଆନୁଷଙ୍ଗିକ ବ୍ୟବସ୍ଥାକୁ ତହସିଲଦାର ଆଲୋକ ପଟେଲ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ଡବ୍ଲ୍ୟୁଇଓ ରବୀନ୍ଦ୍ରନାଥ ସାମନ୍ତରାୟ, ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ଜୟନ୍ତ କୁମାର ନାଏକ, ଚମ୍ପୁଆ ଏନଏସି ବିଭାଗର ବିଜୟ କୁମାର ମିଶ୍ର ପ୍ରମୁଖଙ୍କ ସହିତ ତଦାରଖ କରିଛନ୍ତି। ଏହି କୋଭିଡ୍ କେୟାର ସେଣ୍ଟର ଆରମ୍ଭ କରାଯାଇଥିବା ବେଳେ ଏକ ସପ୍ତାହ ମଧ୍ୟରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ଏବଂ ଉପଖଣ୍ଡସ୍ତରୀୟ ସ୍ୱାବ୍ ସଂଗ୍ରହ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ଉପଜିଲାପାଳ ପ୍ରିତିମୟ ସୂଚନା ଦେଇଛନ୍ତି। ଏହି ସେଣ୍ଟରର ଦାୟିତ୍ୱରେ ୩ ଗୋଟି ଡାକ୍ତର ଟିମ ରହି ଚିକିତ୍ସା ଦାୟିତ୍ୱ ସମ୍ପାଦନ କରିବେ।

## ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଭୋଗରାଇ,୨୯।୭(ଡି.ଏନ.ଏ.)



ବାରବାଟିଆ ସଙ୍ଗରୋଧ କେନ୍ଦ୍ର ପରିସରରେ ଉତ୍ତେଜିତ ଗ୍ରାମବାସୀ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାରବାଟିଆ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଜନୈକ ୪୬ ବର୍ଷୀୟ ପ୍ରବାସୀଙ୍କ ବୁଧବାର ମୃତ୍ୟୁ ଘଟିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଗ୍ରାମବାସୀ ଦୀର୍ଘଘଣ୍ଟା ଧରି ସଙ୍ଗରୋଧ କେନ୍ଦ୍ରରେ ତାଲା ପକାଇ ଦେବା ସହିତ ସେଠାରେ ନାରାବାଜି ପ୍ରଦର୍ଶନ କରିଥିଲେ। ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ଆଶାକର୍ମୀ, ଏଏନ୍‌ଏମ୍, ସ୍ୱାସ୍ଥ୍ୟକର୍ମୀଙ୍କୁ ଗ୍ରାମବାସୀ ଘେରିଯାଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଖବରପାଇ ଭୋଗରାଇ ତହସିଲଦାର, ବିଡିଓ, ଭୋଗରାଇ, ତାଳସାରି ଓ କମର୍ଦ୍ଦା ଥାନା ଅଧିକାରୀ ୧ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ସ୍ୱାସ୍ଥ୍ୟକର୍ମୀଙ୍କୁ ଉଦ୍ଧାର କରିଥିଲେ।

ସୂଚନା ଅନୁଯାୟୀ, ସ୍ଥାନୀୟ କଣ୍ଟାବଣିଆ ଗ୍ରାମର ରମାକାନ୍ତ ଦାସ ଗତ ୨୦ ତାରିଖରେ ଦକ୍ଷିଣଆଫ୍ରିକାରୁ ଫେରି ବାରବାଟିଆ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଗତ ମଙ୍ଗଳବାର ରାତିରେ ସେ ଭଲ ଥିବା ନେଇ ଘରକୁ ଫୋନ୍ କରିଥିବା ତାଙ୍କ ପରିବାର ଲୋକ କହିଛନ୍ତି। ତେବେ ବୁଧବାର ସକାଳେ ହଠାତ୍ ତାଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଭୋଗରାଇ ପୋଲିସ ଏହି ଘଟଣାରେ ପୃଥକ୍ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାବେଳେ ନିୟନ୍ତ୍ରଣାଧୀନ ରହିଥିବା ପୋଲିସ କହିଛି।

### ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ ଅଭିଯୋଗ

